# ଭାରତ-ଭୂଟାନ ବିକାଶ ସହଯୋଗ ଆଲୋଚନା (ଜୁନ୍ 30, 2025)

ଜୁନ୍ 30, 2025

30 ଜୁନ୍ 2025 ରେ ନୂଆଦିଲ୍ଲୀରେ ଭାରତ-ଭୂଟାନ ବିକାଶ ସହଯୋଗ ଆଲୋଚନା ଆୟୋଜିତ ହୋଇଥିଲା। ଭାରତୀୟ ପ୍ରତିନିଧି ଦଳର ନେତୃତ୍ୱ ସଚିବ (ପଶ୍ଚିମ) ଶ୍ରୀ ତନ୍ମୟ ଲାଲ ନେଇଥିଲେ ଏବଂ ଭୂଟାନର ପ୍ରତିନିଧି ଦଳର ନେତୃତ୍ୱ ଭୂଟାନର ବିଦେଶ ସଚିବ ଓମ୍ ପେମା ଚୋଡେନ୍ ନେଇଥିଲେ।

2. ଭାରତ ଓ ଭୂଟାନ ମଧ୍ୟରେ ଏକ ଅନୁକରଣୀୟ ସହଭାଗିତା ରହିଛି, ଯାହା ବିଶ୍ୱାସ, ସଦ୍ଭାବନା, ସମସ୍ତ ସ୍ତରରେ ପାରସ୍ପରିକ ବୁଝାମଣା ଓ ବନ୍ଧୁତ୍ୱର ଦୃଢ଼ ବନ୍ଧନ ଓ ଜନସାଧାରଣଙ୍କ ମଧ୍ୟରେ ଘନିଷ୍ଠ ସମ୍ବନ୍ଧ ଉପରେ ଆଧାରିତ। ବିକାଶ ସହଯୋଗ ଆଲୋଚନା ଭାରତ-ଭୂଟାନ ବିକାଶ ସହଭାଗିତାର ସଂପୂର୍ଣ୍ଣ ସମୀକ୍ଷା କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଦ୍ୱିପାକ୍ଷିକ ବ୍ୟବସ୍ଥା ଅଟେ। ଭାରତ ସରକାର (GoI) ଭୂଟାନର 13ତମ ପାଞ୍ଚବର୍ଷୀୟ ଯୋଜନା ଅବଧି (2024-2029) ପାଇଁ 10,000 କୋଟି ଟଙ୍କା (100 ବିଲିଅନ୍) ର ସହଯୋଗ ପ୍ରଦାନ କରିବା ପାଇଁ ପ୍ରତିଶ୍ରୁତିବଦ୍ଧତା ଦର୍ଶାଇଛନ୍ତି, ଯେଉଁଥିରେ ପରିଯୋଜନା ସହିତ ସମ୍ବନ୍ଧିତ ସହାୟତା (PTA) ପରିଯୋଜନା, ଉଚ୍ଚ ପ୍ରଭାବଶାଳୀ ସାମୁଦାୟିକ ବିକାଶ ପରିଯୋଜନା (HICDP), ଆର୍ଥିକ ପ୍ରୋତ୍ସାହନ କାର୍ଯ୍ୟକ୍ରମ (ESP) ପାଇଁ ସହାୟତା ଏବଂ କାର୍ଯ୍ୟକ୍ରମ ଅନୁଦାନ ଆକାରରେ ବଜେଟ୍ ସହାୟତା ଅନ୍ତର୍ଭୁକ୍ତ ହେବ।

3. ଆଲୋଚନା ସମୟରେ, ଉଭୟ ପକ୍ଷ ସମର୍ଥନର ବିଭିନ୍ନ ଉପାଦାନ ଉପରେ ଆଲୋଚନା କରିଥିଲେ ଏବଂ ପୂର୍ବ ପର୍ଯ୍ୟାୟରେ ଅନୁମୋଦିତ ପରିଯୋଜନାର କାର୍ଯ୍ୟାନ୍ୱୟନରେ ପ୍ରଗତିର ସମୀକ୍ଷା କରିଥିଲେ। ଆଲୋଚନାରେ ଦର୍ଶାଯାଇଥିଲା ଯେ 4958 କୋଟି ଟଙ୍କା (49.58 ବିଲିଅନ୍) ପରିମାଣ ବିଶିଷ୍ଟ ସମୁଦାୟ 61ଟି PTA ପ୍ରକଳ୍ପ ଓ 417 କୋଟି ଟଙ୍କା (4.17 ବିଲିଅନ୍) ପରିମାଣ ବିଶିଷ୍ଟ 283ଟି HICDP ଟି ପ୍ରକଳ୍ପ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟାନ୍ୱୟନର ବିଭିନ୍ନ ପର୍ଯ୍ୟାୟରେ ଅଛି। ଉଭୟ ପକ୍ଷ ବିକଶିତ ଆବଶ୍ୟକତାକୁ ଧ୍ୟାନରେ ରଖି କେତେକ PTA ପ୍ରକଳ୍ପ ପାଇଁ ଆବଣ୍ଟନରେ ଉପଯୁକ୍ତ ସଂଶୋଧନ କରିବା ପାଇଁ ସହମତ ହୋଇଥିଲେ। ଭାରତ ସରକାର ମଧ୍ୟ ESP ପାଇଁ 750 କୋଟି ଟଙ୍କା (7.50 ବିଲିଅନ୍) ଓ କାର୍ଯ୍ୟକ୍ରମ ଅନୁଦାନ ଭାବରେ 100 କୋଟି ଟଙ୍କା (1 ବିଲିଅନ୍) ଜାରୀ କରିଛନ୍ତି। ବୈଠକରେ ଏହି ପାଣ୍ଠିର ଉପଯୋଗର ଅଗ୍ରଗତି ବିଷୟରେ ସମୀକ୍ଷା କରାଯାଇଥିଲା।

4. ଭୂଟାନ ପକ୍ଷ 13ତମ ଆର୍ଥିକ ବର୍ଷ ଅବଧି ମଧ୍ୟରେ କାର୍ଯ୍ୟକାରୀ ହେବାକୁ ଥିବା PTA ପରିଯୋଜନା ପ୍ରସ୍ତାବର ଦ୍ୱିତୀୟ ଭାଗ ଉପସ୍ଥାପନ କରିଥିଲେ। ସମୁଦାୟ 10ଟି ପରିଯୋଜନା ପ୍ରସ୍ତୁତ କରାଯାଇଥିଲା, ଯାହାର ମୂଲ୍ୟ ହେଉଛି 1113 କୋଟି

ଟଙ୍କା (11.13 ବିଲିଅନ) ଏବଂ ଏଥିରେ ଉଭୟ ପକ୍ଷ ଦ୍ୱାରା ସ୍ୱାସ୍ଥ୍ୟସେବା, ସଂଯୋଗୀକରଣ, ସହରାଞ୍ଚଳ ଭିତ୍ତିଭୂମି ଏବଂ ପଶୁପାଳନ ପରି ଅନୁମୋଦିତ କ୍ଷେତ୍ର ଅନ୍ତର୍ଭୁକ୍ତ ରହିଛି।

5. ଭାରତୀୟ ପକ୍ଷ ସୂଚନା ଦେଇଛନ୍ତି ଯେ ଏହା ଭୂଟାନର ମହାମହିମ ରାଜା ଏବଂ ଭାରତର ପ୍ରଧାନମନ୍ତ୍ରୀଙ୍କ ସହଭାଗୀ ଦୃଷ୍ଟିକୋଣ ସହିତ ଏବଂ ଭୂଟାନର ରାଜକୀୟ ସରକାର ଏବଂ ସେଠାକାର ଜନସାଧାରଣଙ୍କ ପ୍ରାଥମିକତା ଉପରେ ଆଧାର କରି, ଭୂଟାନର ରାଜକୀୟ ସରକାରଙ୍କ ସହିତ ତାହାର ବିକାଶ ସୂଚୀ ଉପରେ ମିଳିତ ଭାବରେ କାର୍ଯ୍ୟ କରିବା ଜାରୀ ରଖିବ।

6.  ଉଭୟ ଦେଶ ମଧ୍ୟରେ ନିୟମିତ ଆଦାନ-ପ୍ରଦାନ ଏବଂ ବନ୍ଧୁତ୍ୱ ଓ ସହଯୋଗର ଅନନ୍ୟ ବନ୍ଧନର ସୁପ୍ରତିଷ୍ଠିତ ପରମ୍ପରାକୁ ଦୃଷ୍ଟିରେ ରଖି ଏକ ବନ୍ଧୁତ୍ୱପୂର୍ଣ୍ଣ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ପରିବେଶରେ ଆଲୋଚନା କରାଯାଇଥିଲା। ଉଭୟ ପକ୍ଷ ପାରସ୍ପରିକ ସୁବିଧାଜନକ ତାରିଖରେ ଥିମ୍ପୁରେ ପରବର୍ତ୍ତୀ ବିକାଶ ସହଯୋଗ ଆଲୋଚନା ଆୟୋଜନ କରିବା ପାଇଁ ସହମତ ହୋଇଥିଲେ।

ନୂଆଦିଲ୍ଲୀ

ଜୁନ୍ 30, 2025